# NATIONAL NEWS BULLETIN (ODIA)
## 28 September - 2024
## Evening Bulletin : 7.15 p.m.

************************************

## ମୁଖ୍ୟ ସମ୍ବାଦ

- ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଆସନ୍ତାକାଲି ଦେଶବାସୀଙ୍କ ସହ ଭାବ ବିନିମୟ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।
- ଜାମ୍ମୁ କାଶ୍ମୀର ଏବଂ ହରିଆଣା ନିର୍ବାଚନ ର୍ୟାଲିରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କଲେ ପ୍ରଧାନମନ୍ତ୍ରୀ ।
- ହସ୍ତତନ୍ତ ଏବଂ ହସ୍ତଶିଳ୍ପୀ ରପ୍ତାନୀ ୬୦ ହଜାର କୋଟି ଟଙ୍କାକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଛି, ବୟନ ଶିଳ୍ପ ମନ୍ତ୍ରୀଙ୍କ ସୂଚନା ।
- ଗାଜାରେ ଖାଦ୍ୟ ଯୋଗାଣ ଏବଂ ମୌଳିକ ସୁବିଧା ପ୍ରଦାନ କରିବା ଲାଗି ପଦକ୍ଷେପ ନେବାକୁ ଇସ୍ରାଏଲ୍‌କୁ ଆନ୍ତର୍ଜାତିକ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ।

ଏବଂ

- ସାଫ୍ ୧୭ ବର୍ଷରୁ କମ୍ ଫୁଟ୍‌ବଲ୍ ପ୍ରତିଯୋଗିତାର ଫାଇନାଲ୍ ପର୍ଯ୍ୟାୟରେ ପହଞ୍ଚିଲା ଭାରତ ।

# ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ପୂର୍ବାହ୍ନ ୧୧ଟାରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ । ଏହା ମାସିକ ରେଡ଼ିଓ କାର୍ଯ୍ୟକ୍ରମ ମନ୍ କି ବାତ୍‌ର ୧୧୪ତମ ସଂସ୍କରଣ ହେବ । ତୃତୀୟଥର ଲାଗି ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଏହା ଚତୁର୍ଥ ମନ୍ କି ବାତ୍ କାର୍ଯ୍ୟକ୍ରମ ।

ମନ୍ କି ବାତ୍ କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟ୍‌ୱର୍କ, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ **News on AIR** ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ । ଏହା ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ । ହିନ୍ଦୀ ପ୍ରସାରଣ ପରେ ପରେ ଆକାଶବାଣୀ କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣର ପ୍ରସାରଣ କରିବ । ରାତି ୮ଟାରେ ଆଞ୍ଚଳିକ ଭାଷାନ୍ତରଣର ପୁନଃ ପ୍ରସାରଣ କରାଯିବ ।

# ଜେ କେ- ପ୍ରଧାନମନ୍ତ୍ରୀ ରାଲି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଜାମ୍ମୁ କାଶ୍ମୀରବାସୀ ସେମାନଙ୍କର ଆଗାମୀ ପିଢ଼ି ପାଇଁ ଶାନ୍ତି ଏବଂ ଉନ୍ନତ ଭବିଷ୍ୟତର ପରିବେଶ ଆଶା କରୁଛନ୍ତି । ଜାମ୍ମୁ ଠାରେ ଏକ ନିର୍ବାଚନୀ ରାଲିରେ ଆଜି

ଉଦ୍‌ବୋଧନ ଦେଇ ମତଦାନରେ ଜାମ୍ମୁ କାଶ୍ମୀରବାସୀଙ୍କର ଉତ୍ସାହ ଏବଂ ଅଂଶଗ୍ରହଣକୁ ପ୍ରଶଂସା କରିଛନ୍ତି ।

ଦେଶପାଇଁ ଜୀବନବଳୀ ଦେଇଥିବା ସଂଗ୍ରାମୀଙ୍କୁ କଂଗ୍ରେସ ସମ୍ମାନ ଦେଇପାରି ନାହିଁ ବୋଲି ପ୍ରଧାନମନ୍ତ୍ରୀ ଅଭିଯୋଗ କରିଛନ୍ତି । 'ଏକ ପଦବୀ ଏକ ପେନ୍‌ସନ୍ ବ୍ୟବସ୍ଥା' କଂଗ୍ରେସ ୪୦ ବର୍ଷର ଶାସନକାଳ ମଧ୍ୟରେ କରିପାରି ନ ଥିଲା । ୨୦୧୪ରେ ବିଜେପି ନେତୃତ୍ୱାଧୀନ ସରକାର ଆସିବା ପରେ ଏହି ସ୍ୱପ୍ନ ମଧ୍ୟ ସାକାର ହୋଇଛି । ଏ ପର୍ଯ୍ୟନ୍ତ ଏହି ବ୍ୟବସ୍ଥା ଅଧୀନରେ ସେନା ପରିବାରଙ୍କୁ ୧ଲକ୍ଷ ୨୦ ହଜାର କୋଟି ଟଙ୍କାରୁ ଅଧିକ ଦିଆଯାଇ ସାରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ସୂଚନା ଯୋଗ୍ୟ ଆସନ୍ତା ପହିଲାରେ ଜାମ୍ମୁ କାଶ୍ମୀରରେ ୪୦ଟି ବିଧାନସଭା ଆସନ ପାଇଁ ତୃତୀୟ ପର୍ଯ୍ୟାୟ ମତଗ୍ରହଣ କରାଯିବ ।

## ହିସାର-ପ୍ରଧାନମନ୍ତ୍ରୀ ର୍‍ୟାଲି

ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ହରିଆଣାର ହିସାର ଠାରେ ଆଜି ଏକ ଜନଆଶୀର୍ବାଦ ସମାବେଶରେ ଉଦ୍‌ବୋଧନ ଦେଇଛନ୍ତି । କୃଷକଙ୍କ ସମସ୍ୟା ସମାଧାନ ପାଇଁ ବିଜେପି ନେତୃତ୍ୱାଧୀନ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ସେ

କହିଛନ୍ତି । ଉରି ସେକ୍ଟରରେ ଆତଙ୍କବାଦୀ ଆକ୍ରମଣ ପରେ ଗତ ୨୦୧୬ରେ ଭାରତୀୟ ସେନା ପକ୍ଷରୁ ପାକିସ୍ତାନ ସୀମା ଆରପଟେ ସର୍ଜିକାଲ୍ ଷ୍ଟ୍ରାଇକ୍ ଆତଙ୍କବାଦ ବିରୁଦ୍ଧରେ କେନ୍ଦ୍ର ସରକାରଙ୍କ ପଦକ୍ଷେପକୁ ସ୍ପଷ୍ଟ କରିଥିଲା । କଂଗ୍ରେସ କ୍ଷମତାକୁ ଆସିବା ପାଇଁ ଲୋକଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଉଛି ବୋଲି ସେ ଅଭିଯୋଗ କରିଛନ୍ତି । ଏହି ସମାବେଶରେ ଦଳୀୟ ନେତା କେନ୍ଦ୍ର ମନ୍ତ୍ରୀ ମନୋହର ଲାଲ ନିର୍ବାଚନରେ ପରାଜୟ ଆଶଙ୍କା କରି କଂଗ୍ରେସ ଏବଂ ସହଯୋଗୀ ଦଳ ଇଣ୍ଡି ମେଣ୍ଟ ଗଠନ କରିଛନ୍ତି ବୋଲି ସେ କହିଛନ୍ତି ।

## ଏମ୍‌ଓଏସ୍-ମୁରୁଗାନ

କେନ୍ଦ୍ର ସୂଚନା ପ୍ରସାରଣ ଓ ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଏଲ୍. ମୁରୁଗାନ ଆଜି ଚେନ୍ନାଇ ଠାରେ ‘ଏକ୍ ପେଡ୍ ମା’ କେ ନାମ୍’ ଅଭିଯାନରେ ସାମିଲ ହୋଇଥିଲେ । ଗଣମାଧ୍ୟମକୁ  ସୂଚନା ଦେଇ ଶ୍ରୀ ମୁରୁଗାନ କହିଛନ୍ତି, ଗତ ୧୦ ବର୍ଷ ଧରି କେନ୍ଦ୍ର ସରକାର ଦେଶର ଅଭିବୃଦ୍ଧି ଏବଂ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି । ଆଗାମୀ ୨୫ ବର୍ଷ ପାଇଁ ଏକ୍ସପ୍ରେସ୍ ରାଜପଥ, ଶିଳ୍ପ କରିଡ଼ର ଏବଂ ବନ୍ଦର ବିକାଶ ପାଇଁ ପଦକ୍ଷେପ ନିଆଯାଇଛି ବୋଲି ସେ ସୂଚନା ଦେଇଛନ୍ତି । ବିମାନ ବନ୍ଦର ଗୁଡ଼ିକୁ ମଧ୍ୟ ଉନ୍ନିତ କରାଯାଇଛି ।

ତାମିଲ୍‌ନାଡୁର ବିକାଶରେ କେନ୍ଦ୍ର ସରକାର ଅନେକ ପଦକ୍ଷେପ ଗ୍ରହଣ କରିଥିବା ବେଳେ ମେକ୍ ଇନ୍ ଇଣ୍ଡିଆ ଯୋଜନା ଅଧୀନରେ ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନ ଏବଂ ରପ୍ତାନୀ କ୍ଷେତ୍ରକୁ ବ୍ୟାପକ କରାଯାଇଛି । ଆସନ୍ତା ଅକ୍ଟୋବର ୨ ତାରିଖରେ ଜାତିର ପିତାଙ୍କ ଜନ୍ମଦିନ ପାଳନ ଅବସରରେ ଖଦି ପିନ୍ଧିବାକୁ ଶ୍ରୀ ମୁରୁଗାନ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି ।

## ରାଜୀବ ରଂଜନ-ଏକ୍ ପେଡ୍ ମା' କେ ନାମ୍

ଜଳବାୟୁ ପରିବର୍ତ୍ତନ ସମସ୍ୟାର ମୁକାବିଲା ଦିଗରେ ଚାରା ରୋପଣ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ମତ୍ସ୍ୟ, ପଶୁପାଳନ ଓ ଦୁଗ୍ଧ ଉତ୍ପାଦନ ମନ୍ତ୍ରୀ ରାଜୀବ ରଂଜନ କହିଛନ୍ତି । ନୂଆଦିଲ୍ଲୀ ଠାରେ ମନ୍ତ୍ରୀ ଶ୍ରୀ ରଂଜନ 'ଏକ୍ ପେଡ୍ ମା' କେ ନାମ୍' ଅଭିଯାନ ଅଧୀନରେ ଚାରା ରୋପଣ କାର୍ଯ୍ୟକ୍ରମରେ ଯୋଗଦେଇ ପରିବେଶ ଏବଂ ଭବିଷ୍ୟତ ପିଢ଼ିର ଉନ୍ନତି ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କହିଛନ୍ତି । ଏକ୍ ପେଡ୍ ମା' କେ ନାମ୍ ଅଭିଯାନ ଉପରେ ଆଲୋକପାତ କରିବା ସହ ଏଥିରେ ଅଧିକରୁ ଅଧିକ ଅଂଶଗ୍ରହଣ କରିବାକୁ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ବିଭାଗୀୟ ଅନ୍ୟତମ ରାଷ୍ଟ୍ରମନ୍ତ୍ରୀ ଜର୍ଜ କୁରିୟାନ୍ ଯୋଗଦେଇ ଚାରାରୋପଣ କରିଛନ୍ତି ।

## ବିହାର-ଗିରିରାଜ ସିଂହ

ହସ୍ତତନ୍ତ ଓ ହସ୍ତଶିଳ୍ପ ରପ୍ତାନୀ ୬୦ ହଜାର କୋଟି ଟଙ୍କାକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଛି । ବିହାର ପାଟନା ଠାରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ବୟନଶିଳ୍ପ ମନ୍ତ୍ରୀ ଗିରିରାଜ ସିଂହ ଏହା କହିଛନ୍ତି । ଏବେ ହସ୍ତତନ୍ତ ଏବଂ ହସ୍ତ ଶିଳ୍ପ ରପ୍ତାନୀ ପରିମାଣ ୪୫ ହଜାର କୋଟି ଟଙ୍କା ରହିଛି । ଆର୍ଥିକ ସହାୟତା, ପ୍ରୋତ୍ସାହନ ଏବଂ ପ୍ରଶିକ୍ଷଣ ଦ୍ୱାରା ଧାର୍ଯ୍ୟ ଲକ୍ଷ୍ୟ ହାସଲ ହୋଇପାରିବ ବୋଲି ସେ କହିଛନ୍ତି । ଗ୍ରାମାଞ୍ଚଳରେ ହସ୍ତଶିଳ୍ପକୁ ସଫଳ କରିବା ପାଇଁ କୃତ୍ରିମ ବୁଦ୍ଧିମତା ଓ ଥ୍ରୀଡି ଭଳି ନୂତନ ଜ୍ଞାନକୌଶଳ କାର୍ଯ୍ୟକାରୀ କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି । ଜି.ଆଇ. ପ୍ରମାଣିତ ଉତ୍ପାଦ ସଂଖ୍ୟାକୁ ବୃଦ୍ଧି କରିବା ଉପରେ ମନ୍ତ୍ରୀ ଶ୍ରୀ ସିଂହ ପରାମର୍ଶ ଦେଇଛନ୍ତି ।

## ଇସ୍ରାଏଲ୍-ଆଇସିଜେ

ଗାଜାରେ ଥିବା ଲୋକଙ୍କୁ ଯଥା ଶୀଘ୍ର ଖାଦ୍ୟ ଯୋଗାଣ ଏବଂ ସମସ୍ତ ମୌଳିକ ସୁବିଧା ସୁଯୋଗ ପ୍ରଦାନ କରିବା ଲାଗି ପଦକ୍ଷେପ ନେବାକୁ ଇସ୍ରାଏଲ୍‌କୁ ହେଗ୍ ସ୍ଥିତ ଆନ୍ତର୍ଜାତିକ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି । ଯୁଦ୍ଧ କ୍ଷତିଗ୍ରସ୍ତ ଗାଜା ଅଞ୍ଚଳରେ ପାଲେଷ୍ଟିନିୟ ଅତ୍ୟନ୍ତ ଖରାପ ପରିସ୍ଥିତି ଦେଇ ଗତି କରୁଛନ୍ତି । ସେଠାରେ ଦୁର୍ଭିକ୍ଷ ପରିସ୍ଥିତି ସମ୍ଭାବନାକୁ ଦୃଷ୍ଟିରେ

ରଖି ଆନ୍ତର୍ଜାତିକ ନ୍ୟାୟାଳୟ ଏହି ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି । ଗାଜାରେ ଇସ୍ରାଏଲ୍ ଦ୍ୱାରା ଗଣହତ୍ୟା ଅଭିଯୋଗ ନେଇ ଦକ୍ଷିଣ ଆଫ୍ରିକା ପକ୍ଷରୁ ଆଗତ ମାମଲାର ଶୁଣାରି କରି ନ୍ୟାୟାଳୟ ଏହି ନିର୍ଦ୍ଦେଶ ଦେଇଛନ୍ତି । ସୂଚନା ଯୋଗ୍ୟ ଗଣହତ୍ୟାକୁ ରୋକିବା ସଂକ୍ରାନ୍ତ ଚୁକ୍ତି ଅଧୀନରେ ଆସୁଥିବା କୌଣସି କାର୍ଯ୍ୟରୁ ଦୂରେଇ ରହିବାକୁ ନ୍ୟାୟାଳୟ ଗତ ଜାନୁଆରୀ ମାସରେ ଇସ୍ରାଏଲ୍‌କୁ ନିର୍ଦ୍ଦେଶ ଦେଇଥିଲେ ।

## ଇସ୍ରାଏଲ୍-ହିଜ୍‌ବୁଲ୍ଲା ନେତା ମୃତ୍ୟୁ ଦାବି

ବେରୁଟ ଉପରେ ଗତକାଲି ଇସ୍ରାଏଲ୍ ପକ୍ଷରୁ ହୋଇଥିବା ଆକ୍ରମଣରେ ହିଜବୁଲ୍ଲାର ଶୀର୍ଷ ନେତା ହସନ୍ ନସ୍‌ରୁଲ୍ଲାଙ୍କ ମୃତ୍ୟୁ ହୋଇଛି ବୋଲି ଇସ୍ରାଏଲ୍ ପ୍ରତିରକ୍ଷା ବାହିନୀ ଦାବି କରିଛି । ଇସ୍ରାଏଲ୍ ସେନା ମୁଖପାତ୍ର ଲେପ୍ଟନାଣ୍ଟ କର୍ଣ୍ଣେଲ୍ ନାଦାବ୍ ସୋସାନୀ ସାମାଜିକ ଗଣମାଧ୍ୟମ ଏକ୍ସରେ ଏହା କହିଛନ୍ତି । ତେବେ ଏ ନେଇ ହିଜ୍‌ବୁଲ୍ଲା ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିନାହିଁ । ନସରୁଲ୍ଲା ୩୨ ବର୍ଷରୁ ଅଧିକ ସମୟ ଧରି ଲେବାନନ୍‌ରେ ଜଣେ ରାଜନୈତିକ ଏବଂ ଆଧ୍ୟାତ୍ମିକ ନେତା ଭାବେ ଇରାନ୍ ସମର୍ଥିତ ହିଜବୁଲ୍ଲା ଗୋଷ୍ଠୀର ନେତୃତ୍ୱ ନେଇଥିଲେ । ସେହିଭଳି ବେରୁଟ୍‌ର ଦକ୍ଷିଣାଞ୍ଚଳ ନଗର ଦହିୟେହେରେ ଇସ୍ରାଏଲ୍‌ର ଏୟାର୍ ଷ୍ଟ୍ରାଇକ୍‌ରେ ହିଜବୁଲ୍ଲାର ଦକ୍ଷିଣ ଫ୍ରଣ୍ଟ କମାଣ୍ଡର ଅଲ୍ଲି କାର୍କିଙ୍କ ସହ ଅନ୍ୟ କମାଣ୍ଡରଙ୍କ

ମୃତ୍ୟୁ ହୋଇଛି । ହିଜବୁଲ୍ଲା ନେତାଙ୍କୁ ଲକ୍ଷ୍ୟ କରି ଇସ୍ରାଏଲ୍ ଆକ୍ରମଣ ଜାରି ରହିବ ବୋଲି ସେନା କହିଛି । ଏହି ସପ୍ତାହ ପ୍ରାରମ୍ଭରେ ଲେବାନନ୍‌ରେ ସ୍ଥଳ ଭାଗରୁ ଆକ୍ରମଣ କରିବା ପାଇଁ ସେନାକୁ ପ୍ରସ୍ତୁତ ରହିବାକୁ ଇସ୍ରାଏଲ୍ ସେନା ମୁଖ୍ୟ ନିର୍ଦ୍ଦେଶ ଦେଇଛନ୍ତି । ଇତିମଧ୍ୟରେ ସେଠାରେ ସଂଘର୍ଷକୁ ଦୃଷ୍ଟିରେ ରଖି ୧୦ ହଜାର ସାଧାରଣ ଲୋକ ସ୍ଥାନାନ୍ତର ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ଅନେକ ସିରିଆରେ ପହଞ୍ଚିଥିବା ଲେବାନନ୍ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି ।

## ତାଞ୍ଜାନିଆ-ରୋଡ୍ ଆକ୍ସିଡେଣ୍ଟ

ତାଞ୍ଜାନିଆରେ ଏକ ସଡ଼କ ଦୁର୍ଘଟଣାରେ ୧୧ ଜଣଙ୍କର ମୃତ୍ୟୁ ହୋଇଛି । ଅନ୍ୟ ୨୧ ଜଣ ଆହତ ହୋଇଛନ୍ତି । ଦେଶର ଦକ୍ଷିଣାଞ୍ଚଳର ଏମ୍‌ବେୟା ଠାରେ ଏକ ଟ୍ରକ୍ ଓଲଟି ପଡ଼ିବାରୁ ଏହି ଦୁର୍ଘଟଣା ଘଟିଛି । ସ୍ଥାନୀୟ ପୁଲିସ୍ ଏ ସମ୍ପର୍କରେ ସୂଚନା ଦେଇ କହିଛି, ପାଞ୍ଚ ଜଣଙ୍କର ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଛ’ ଜଣଙ୍କର ଚିକିତ୍ସା ପାଇଁ ହସ୍ପିଟାଲ୍‌କୁ ଯାଉଥିବା ବେଳେ ବାଟରେ ମୃତ୍ୟୁ ହୋଇଥିଲା ।

# ସାଫ୍ ଫୁଟବଲ୍

ସାଫ୍ ୧୭ ବର୍ଷରୁ କମ୍ ଫୁଟ୍‌ବଲ୍ ପ୍ରତିଯୋଗିତାରେ ଭାରତ ଫାଇନାଲ୍ ପର୍ଯ୍ୟାୟକୁ ଉନ୍ନିତ ହୋଇଛି । ସେମିଫାଇନାଲ୍‌ରେ ନେପାଳ ବିରୁଦ୍ଧରେ ଭାରତ ୪-୨ ଗୋଲ୍‌ରେ ବିଜୟୀ ହୋଇଛି । ଭୁଟାନ୍‌ର ଥିମ୍ପୁ ସ୍ଥିତ ଚାଙ୍ଗଲିମିଥାଙ୍ଗ୍ ଷ୍ଟାଡିୟମ୍ ଠାରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ପ୍ରଥମାର୍ଦ୍ଧରେ ଗୋଟିଏ ଗୋଲ୍ ପଛରେ ଥାଇ ଭାରତର ଖେଳାଳି ୪ଟି ଗୋଲ୍ ସ୍କୋର କରିଥିଲେ । ତେବେ ନେପାଳର ଦ୍ୱିତୀୟ ଗୋଲ୍‌ଟି ଭାରତୀୟ ଖେଳାଳି ମହମ୍ମଦ କୈଫ୍‌ଙ୍କ ଗୋଡ଼ରେ ବାଜି ନିଜ ପଟେ ଗୋଲ୍ ହୋଇଥିଲା ।  ଦ୍ୱିତୀୟ ସେମିଫାଇନାଲ୍ ମ୍ୟାଚ୍ ପାକିସ୍ତାନ ଏବଂ ବାଂଲାଦେଶ ମଧ୍ୟରେ ଅନୁଷ୍ଠିତ ହେବ । ଆସନ୍ତା ୩୦ ତାରିଖରେ ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ମ୍ୟାଚ୍ ଖେଳାଯିବ ।

ସୂଚନା ଯୋଗ୍ୟ ଭାରତ ୫ ଥର ସାଫ୍ ୧୭ ବର୍ଷ କମ୍ ଫୁଟବଲ୍ ଚାମ୍ପିୟନ୍ ହୋଇଛି । ଗତଥର ଫାଇନାଲ୍‌ରେ ବାଂଲାଦେଶକୁ ୨-୦ ଗୋଲ୍‌ରେ ପରାସ୍ତ କରି ଭାରତ ଚାମ୍ପିୟାନ୍ ହୋଇଥିଲା ।

# ଭାରତ-ବାଂଲାଦେଶ ଟେଷ୍ଟ ମ୍ୟାଚ୍

କାନପୁରରେ ଚାଲିଥିବା ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ର ଆଜି ଦ୍ୱିତୀୟ ଦିନର ଖେଳ ବର୍ଷା ଯୋଗୁଁ ସମ୍ଭବ ହୋଇପାରି ନାହିଁ । ଗ୍ରୀନ୍‌ପାର୍କ ଷ୍ଟାଡିୟମ୍‌ରେ ଚାଲିଥିବା ଏହି ମ୍ୟାଚ୍‌ରେ ଭାରତ ଟସ୍ ଜିତି ପ୍ରଥମେ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା । ବାଂଲାଦେଶ ଗତକାଲି ପ୍ରଥମ ଦିନ ସୁଦ୍ଧା ପ୍ରଥମ ଇନିଂସରେ ୩୫ ଓଭରରେ ତିନି ଓ୍ୱିକେଟ୍ ବିନିମୟରେ ୧୦୭ରନ୍ ସଂଗ୍ରହ କରିଥିଲା । ପ୍ରବଳ ବର୍ଷା ଯୋଗୁଁ ଗତକାଲି ଅପରାହ୍ଣ ମଧ୍ୟ ଖେଳ ହୋଇପାରି ନଥିଲା । ବାଂଲାଦେଶର ମୋମିନୁଲ୍ ହକ୍ ୪୦ ଏବଂ ମୁସ୍‌ଫିକୁର୍ ରହିମ୍ ୬ ରନ୍ କରି କ୍ରିଜ୍‌ରେ ଅଛନ୍ତି । ଆକାଶଦୀପ ୨ଟି ଓ୍ୱିକେଟ୍ ଅକ୍ତିଆର କରିଥିବା ବେଳେ ରବିଚନ୍ଦ୍ରନ ଅଶ୍ୱିନୀ ଗୋଟିଏ ଓ୍ୱିକେଟ୍ ହାସଲ କରିଛନ୍ତି ।

ସୂଚନା ଯୋଗ୍ୟ ଚେନ୍ନାଇଠାରେ ଅନୁଷ୍ଠିତ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଭାରତ ୨୮୦ରନ୍‌ରେ ବାଂଲାଦେଶକୁ ପରାସ୍ତ କରି ୧-୦ରେ ସିରିଜ୍ ଅଗ୍ରଣୀ ରହିଛି ।

# ବ୍ୟାଡ୍‌ମିଣ୍ଟନ୍

ମାକାଉ ଓପନ୍  ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ଭାରତର ମହିଳା ଯୋଡ଼ି ତ୍ରିଶା ଜୋଲି ଏବଂ ଗାୟତ୍ରୀ ଗୋପିଚାନ୍ଦ ସେମିଫାଇନାଲ୍ ପର୍ଯ୍ୟାୟରେ ପରାସ୍ତ ହୋଇଛନ୍ତି । ଚୀନ୍ ତାଇପେଇର ହଙ୍ଗ୍-ଏନ୍-ଜୁ ଏବଂ ସିହେ ପେଇ ଶାନ୍‌ଙ୍କ ଯୋଡ଼ି ଠାରୁ ୨୧-୧୭, ୧୬-୨୧ ଏବଂ ୨୧-୧୦ ସେଟ୍‌ରେ ହାରିଯାଇଛନ୍ତି । ଏଥିସହ ଏହି ପ୍ରତିଯୋଗିତାରେ ଭାରତର ଅଭିଯାନ ଶେଷ ହୋଇଛି । ଗତ ରାତିରେ ପୁରୁଷ ଏକକ କ୍ୱାର୍ଟର ଫାଇନାଲ୍ ପର୍ଯ୍ୟାୟରେ କିଦାମ୍ବୀ ଶ୍ରୀକାନ୍ତ ପରାସ୍ତ ହୋଇଥିଲେ ।